ଶ୍ରୀ ସାକେତ ସାହୁ ମହୋଦୟ,

ଆଜି କୋସଲି ଭାଷା ବିଷୟରେ ଆପଣଙ୍କ ଲେଖା ପଢି ମୋତେ ଅନେକ କଥା ଜଣାଗଲାରୁ କୃତଜ୍ଞତା ବ୍ୟକ୍ତ କରୁଚି । ମୁଁ ଭାଷା ଶାସ୍ତ୍ରୀ ନୁହେଁ । ଓଡିଆ ଭାଷାର ଇତିହାସ ବି ମତେ ଜଣାନାହିଁ । ମୁଁ ଗତ ୬୨ ବର୍ଷ ମହାରାଷ୍ଟ୍ରରେ ରହୁଥିବାରୁ ସ୍ୱାଭାବିକ ଭାବରେ ମରାଠୀ ଓ ଓଡିଆର ସଂପର୍କ ଓ ଭିନ୍ନତ୍ୱ ସହଜରେ ମୋର ନଜରକୁ ଆସେ । ଆପଣଙ୍କ ଲେଖା ପଢିଲାବେଳେ ସେ ଦୃଷ୍ଟିରୁ ଯେଉଁ କେତେକ କଥା ମନକୁ ଆସିଲା ତାହା ଆଜି ଲେଖୁଚି । ଆଉ କିଛି ପରେ ମନେପଡିଲେ ଲେଖିବି । ମୁଁ ଓଡିଆରେ ଲେଖୁଚି । ଆଶା ଆପଣଙ୍କର ଆପତ୍ତି ନଥିବ । କାରଣ ଆପଣ ଆପଣଙ୍କ ଲେଖାର ଉପରେ ଓଡିଆରେ ନୁହଁ, ଦେବନାଗରୀରେ ଲେଖିଚଂତି ।

"କୁଲିହା" ଶବ୍ଦର ମରାଠୀ ରୂପ "କୋଲ୍‌ହା" ।

"କାର୍ଲା" ଶବ୍ଦ ସେଇ ଅର୍ଥରେ ମରାଠୀରେ ବ୍ୟବହାର କରାଯାଏ ।

(ପଶ୍ଚିମ ଓ ଦକ୍ଷିଣ ଓଡିଶାର "ଡଂଗର" ଶବ୍ଦର ଅର୍ଥରେ ମରାଠୀ ଶବ୍ଦ ହେଲା "ଡୋଂଗର" ।

ସେମିତି, ଓଡିଆରେ ବୁରୁଜ ଶବ୍ଦ ମରାଠୀରୁ ଆସିଛି ବୋଲି ମୋର ମନେ ହୁଏ । ମରାଠୀରେ ବି "ଫସିଲା" ବୋଲି କୁହଁତି ) ।

ଆଫଣଙ୍କ ଲେଖା ପଢିବା ଆଗରୁ ମୋର ଅନେକ ସମୟରେ ମନେହୁଏ ଯେ ମରାଠା ପଚାଶ ବର୍ଷ ଓଡିଶାରେ ରାଜତ୍ୱ କଲେ; ମରାଠା ରାଜା ଗଲାପରେ ବି ଉନ୍ନବିଂଶ ଶତାବ୍ଦିର ଶେଷ ପର୍ଯଂତ ସଂବଲପୁର ସେଂଟ୍ରାଲ୍ ପ୍ରଭିନ୍‌ସେସ୍ ଓ ବେରାର ରାଜ୍ୟରେ ରହିଲା । ହିଂଦୀ ଓ ମରାଠୀ ଅଫିସର ଆସି ସବୁ ସ୍ତରରୁ ଶାସନ ଚଳାଇଲେ । ଛୋଟ ସରକାରୀ ଅଫିସ, ତଳ କୋର୍ଟ ଓ ପ୍ରାଥମିକ ବିଦ୍ୟାଳୟରେ ବି ହିଂଦୀ ଭାଷାର ବ୍ୟବହାର ହେଉଥିଲା । ସେଇଥିପାଇଁ ସଂବଲପୁରର ଗଣ୍ୟମାନ୍ୟ ଲୋକେ ସଂବଲପୁର ଜିଲ୍ଲାକୁ ସେଠାରୁ ଆଣି ବେଂଗଲ୍ ପ୍ରେସିଡେନ୍‌ସିର କଟକ ଡିଭିଜନ୍ ରେ ରଖିବାପାଇଁ ବଡଲାଟଂକୁ ବାରଂବାର ଅନୁରୋଧ କଲେ । ଦେଢଶହ ବର୍ଷକାଳ ହିଂଦୀ-ମରାଠୀ ରାଜତ୍ୱରେ ରହିବା ଫଳରେ ସେ ଭାଷାର ପ୍ରଭାବ ସ୍ଥାନୀୟ ଭାଷା ଉପରେ ପଡିବା ସ୍ୱାଭାବିକ ।

ଆପଣ ଲେଖିଚଂତି - ଗଛୁ ଫଲ୍ ପଡ଼ଲା । ଏ ପଡ଼ଲା କ୍ରିୟାପଦ ଠିକ୍ ସେଇ ଅର୍ଥରେ ମରାଠୀରେ ବ୍ୟବହାର ହୁଏ ।

ଆପଣ ଲେଖିଲେ, କୋସଲିରେ "କାଠିନ ହାତାନ୍ ମାର୍" । ମରାଠୀରେ କହିଲାବେଳେ ଠିକ୍ ତାହାହିଁ କୁହଁତି । କେବଳ ଲେଖିଲାବେଳେ ଶୁଦ୍ଧ ଭାଷା ବ୍ୟବହାର କଲେ "କାଠିନେ' ଲେଖାଯିବ ।

ଆଉ ଅନ୍ୟ କଥା:

ଆପଣ ଲେଖିଲେ, କୋସଲିରେ "ଟୁପଲି" । ଓଡିଆରେ କହଂତି ଟୋପଲି ।

ଓଡିଆରେ "ଖଟ" ରୁ "ଖଟଲି" ନୁହେଁ, "ଖଟୁଲି" ବା "ଖଟୁଳି" ହୁଏ ।

ଓଡିଆରେ ସଂସ୍କୃତ "ସ୍ଥାନ"ରୁ "ସ୍ଥାନେ" ବ୍ୟବହାର ହୁଏ: "ଏହା ସ୍ଥାନେ ଯ୍ୟା" । କବିତାରେ ଆଗେ ସେଇ ଅର୍ଥରେ "ଥାନେ" ଶବ୍ଦ ବ୍ୟବହାର ହେଉଥିଲା ।

"ମାନେ" ବହୁବଚନ ଅର୍ଥରେ ଓଡିଆ ଓ କୋସଲିରେ ବ୍ୟବହୃତ ହୁଏ । ଓଡିଆରେ କହଂତି, ପିଲାମାନେ, ଲୋକମାନେ, ରଜାମାନେ, କର୍ମଚାରୀମାନେ, ସେମାନେ, ଇତ୍ୟାଦି । ମୋ ବୁଝିବାରେ ସାରଳା ମହାଭାରତର "ରାଜାଗଣମାନେ" ଏବେ ଠିକ୍ ବୁଝାଯିବ ନାହିଁ । କାରଣ ଏହା ଦ୍ଵିରୁକ୍ତିପୂର୍ଣ: ଏଠାରେ ଗଣ ଓ ମାନେ ଦୁହେଁ ଏକା ଅର୍ଥର । ତେଣୁ, ରାଜାଗଣ ବା ରାଜାମାନେ ହେବାର କଥା । ଓଡିଆରେ ବିଶିଷ୍ଟ ନାମବାଚକ ଶବ୍ଦରେ ମାନେ ଯୋଡିବା ଠିକ୍ ବୁଝାଯିବ ନାହିଁ । କାରଣ, ରାମ ବା ସୀତା ଜଣେ ବିଶିଷ୍ଟ ବ୍ୟକ୍ତି । ତହିଁର ବହୁବଚନ ହେବାର ଅର୍ଥ ନାହିଁ । ଯଦି ଅନେକ ରାମ ନାମଧାରୀ ଲୋକେ ଥିବେ ତେବେ ରାମମାନେ ବ୍ୟବହାର ହୋଇପାରିବ । ସାଧାରଣତଃ ଜାତିବାଚକ ଶବ୍ଦ, ଯଥା ନାରୀ, ପୁରୁଷ, ରାଜା, ଲୋକ, ଇତ୍ୟାଦିରେ ମାନେ ଯୋଡି ବହୁବଚନ କରିବା ବିଧେୟ ।

"ତାକେ", "ତାକୁ", "ମାନଂକୁ", "ମାନ୍‌କେ" ବାବଦରେ ।  ମାକେ ର ଓଡିଆରେ ଚିହ୍ନ ହେବ ମତେ; ତାକେ ର ତତେ । ମାତ୍ର, ସାରଳାଂକ ସମୟର ବ୍ୟବହାର ବାଦ୍, କୁ ର ବ୍ୟବହାର ଅଛି: ଆମକୁ, ତୁମକୁ । ଦକ୍ଷିଣ ଓଡିଶାରେ କେ ର ବ୍ୟବହାର ଟିକିଏ ଭିନ୍ନ ଅର୍ଥରେ: ତାଂକେ କହିଲେ, ଅର୍ଥ ସେ କହିଲେ ।  (ବଂଗଳାରେ ଆମାକେ, ତୋମାକେ) ।

"ବାଡିନ ମାର" ମରାଠୀ ଭଳି ; ମରାଠୀରେ କହିଲାବେଳେ ବାଡିନ କହଂତି, ଲେଖିଲାବେଳେ ମାତ୍ର ବାଡିନେ ଲେଖଂତି ।

ଓଡିଆରେ ତହିଁରୁ, ସେଠାରୁ, ସେଥିରୁ କୁହା/ଲେଖା ହୁଏ । ମାତ୍ର, ସେ ଅର୍ଥରେ ଠୁ ମଧ୍ୟ ବ୍ୟବହାର ହୁଏ । ଯଥା: ସେଠୁ (ସେଠୁଁ), ତାଂକଠୁ (ତାଂକଠୁଁ), ଇତ୍ୟାଦି । ଓଡିଆରେ ମଧ୍ୟ ଗଛୁ ଫଳ ପଡିଲା ଲେଖା ହୁଏ । ଏପରି ବ୍ୟବହାର ଏବେ କବିତାରେ ବେଶି ।

( Please do not write "fell down". Falling is always downward, never upward. So only "fell from tree".)

ଆପଣଂକୁ ଏ ପର୍ଯ୍ୟନ୍ତ ପଢିଲାରୁ ଧନ୍ୟବାଦ । ପ୍ରଣାମ ।

ନୀଳକଂଠ ରଥ.